ପ୍ରେସ୍‌ନୋଟ୍‌।

# ଆଜି ଅନୁଗୋଳ ଜିଲ୍ଲାରୁ ୨୨୪ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୬୬୩୬ ରେ ପହଞ୍ଚିଲା - ସୁସ୍ଥ ହେଲେ ୧୧୭ଜଣ ।

ଅନୁଗୋଳ,ତା. ୧୩.୧୦:- ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୨୨୪ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ରାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆଜି ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫ ରେ ପହଂଚିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ତାଳଚେର ବ୍ଲକ୍ ଅଂଚଳରୁ ୩୫ ଜଣ (୨୮ ଜଣ ପୁରୁଷ ଓ ୭ଜଣ ମହିଳା), ବଅଁରପାଳ ବ୍ଲକ୍ ଅଂଚଳରୁ ୩୩ ଜଣ ( ୨୪ଜଣ ପୁରୁଷ ଓ ୯ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୨୯ ଜଣ ( ୨୪ଜଣ ପୁରୁଷ ଓ ୫ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୨୮ ଜଣ ( ୨୧ଜଣ ପୁରୁଷ ଓ ୭ଜଣ ମହିଳା), ତାଳଚେର ପୌରାଂଚଳରୁ ୨୪ ଜଣ ( ୨୦ଜଣ ପୁରୁଷ ଓ ୪ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୨୩ ଜଣ ( ୧୪ଜଣ ପୁରୁଷ ଓ୯ ଜଣ ମହିଳା), ଅନୁଗୋଳ ପୌରାଂଚଳରୁ ୧୮ ଜଣ ( ୧୧ଜଣ ପୁରୁଷ ଓ ୭ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ୧୬ ଜଣ ( ୧୦ଜଣ ପୁରୁଷ ଓ ୬ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ୮ ଜଣ (୬ ଜଣ ପୁରୁଷ ଓ୨ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୭ ଜଣ (୧ ଜଣ ପୁରୁଷ ଓ ୬ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୩ଜଣ (୩ ଜଣ ପୁରୁଷ ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୧୧୭ ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୬ଜଣ କୋଭିଡ ହସପିଟାଲରୁ ଓ ୧୦୧ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ପରେ ପରେ ଜିଲ୍ଲାପାଳ ଜିଲ୍ଲାରେ କରୋନା ସ୍ଥିତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ରାପିଡ୍ ରେସପନ୍ସ ଟିମ୍ ସବୁ ସ୍ଥାନରେ ପହଂଚିବା, କରୋନା ସମ୍ପର୍କିତ ତଥ୍ୟର ସଠିକ୍ ଆଦାନ ପ୍ରଦାନ ଓ ମେଡିସିନ୍ କିଟ୍ ସମସ୍ତ ଆକ୍ରାନ୍ତଙ୍କ ଘରେ ପହଞ୍ଚାଇବାକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଆସନ୍ତାକାଲି ୪ ଜଣ ପ୍ଲାଜମା ଦାନ କରିବା ପାଇଁ ସ୍ଥିର ହୋଇଥିବାରୁ ସମସ୍ତ ପ୍ରକାର ଆନୁସଂଗିକ ବ୍ୟବସ୍ଥା କରିବାକୁ ଜଲ୍ଲାପାଳ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୮୧ ତା.୧୩.୧୦.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ